# ଦୁଗ୍ଧ ଉତ୍ପାଦକ ସମବାୟ ସମିତି ଗଠନ ପ୍ରଣାଳୀ

**ସର୍ଭେ :-**

ଜିଲ୍ଲା ଦୁଗ୍ଧ ସଂଘ ତରଫରୁ ଦରଖାସ୍ତ କରିଥିବା ଗ୍ରାମରେ କ୍ଷେତ୍ର କର୍ମଚାରୀଙ୍କଦ୍ୱାରା ଘର ଘର ବୁଲି ଶଙ୍କର ଜାତୀୟ, ଦେଶୀ ଗାଈ, ଛେଳି ଓ ମଇଁଷି ଆଦି ଓ ବଳକା ଦୁଗ୍ଧର ପରିମାଣ ଓ ବିକ୍ରି ଦର ଉପରେ ବିବରଣୀ ସଂଗ୍ରହ କରାଯାଏ ।

**ଗ୍ରାମ ସଭା :-**

ସର୍ଭେ ରିପୋର୍ଟ ଅନୁଯାୟୀ ଯଦି ଗ୍ରାମରେ ୫୦ ଲିଟରରୁ ଉର୍ଦ୍ଧ୍ୱ ବଳକା ଦୁଗ୍ଧ ଥାଏ, ତାହାହେଲେ ଗ୍ରାମ ସଭା ପାଇଁ ତାରିଖ ଓ ସମୟ ଧାର୍ଯ୍ୟ କରାଯାଏ । ଉକ୍ତ ଦିନ ଜିଲ୍ଲା ଦୁଗ୍ଧ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଚାଷୀମାନଙ୍କୁ ଆନନ୍ଦ ପ୍ରଣାଳୀ ଦୁଗ୍ଧ ସମବାୟ ସମିତି ଓ ଗୋ-ବିକାଶ ପ୍ରକଳ୍ପର ବିସ୍ତୃତ  ବିବରଣୀ ଅବଗତ କରାଇଥାନ୍ତି । ଉକ୍ତ ଗ୍ରାମସଭାରେ ଜଣଙ୍କୁ ସଂଗଠକ ଭାବେ ମନୋନିତ କରାଯାଏ, ସମିତି କରିବା ପାଇଁ ସର୍ବନିମ୍ନ ୩୦ ଜଣ ଉତ୍ସାହୀ ଦୁଗ୍ଧ ଚାଷୀଙ୍କର ଆବଶ୍ୟକତା ହୋଇଥାଏ । ସେମାନଙ୍କଠାରୁ ଅଂଶଧନ ବାବଦରେ ୧୦ ଟଙ୍କା ଏବଂ ସଭ୍ୟ ଚାନ୍ଦା ବାବଦକୁ ୧ ଟଙ୍କା ଏପରି ମୋଟ ୧୧ ଟଙ୍କା ଆଦାୟ କରିବା ପାଇଁ ପ୍ରସ୍ତାବିତ ସମିତିର ସଂଗଠକଙ୍କୁ ଦାୟିତ୍ୱ ଅର୍ପଣ କରାଯାଏ ।

**ପ୍ରଥମ ସାଧାରଣ ସଭା :-**

ଅନ୍ୟୁନ ୩୦ ଜଣ ସଭ୍ୟ ସଂଗ୍ରହ ପରେ ଉକ୍ତ ଗ୍ରାମରେ ସଭ୍ୟମାନଙ୍କୁ ନେଇ ପ୍ରଥମ ସାଧାରଣ ସଭା ପ୍ରସ୍ତାବିତ ସମିତିର ସଂଗଠକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥାଏ । ଉକ୍ତ ସଭାରେ ଜିଲ୍ଲା ଦୁଗ୍ଧ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆନନ୍ଦ ପ୍ରଣାଳୀ ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ଉପବିଧି ଗୁଡିକୁ ପୁଙ୍ଖାନୁପୁଙ୍ଖଭାବେ ଆଲୋଚନା କରିଥାନ୍ତି । ସମସ୍ତ ସଭ୍ୟ ଆନନ୍ଦ ପ୍ରଣାଳୀ ଉପବିଧି ଗୁଡିକୁ ହୃଦୟଙ୍ଗମ କରି ଆନନ୍ଦ ଢାଂଚାରେ ସମିତି ଗଠନ କରିବା ପାଇଁ ସମ୍ମତି ପ୍ରଦାନ କରନ୍ତି ।

**ସମିତିର ନାମକରଣ ଏବଂ ପରିସୀମା :-**

ଉକ୍ତ ସଭାରେ ସମିତିର ନାମକରଣ, ଠିକଣା ସ୍ଥିର କରାଯିବା ସଙ୍ଗେ ସଙ୍ଗେ ସମିତିର କାର୍ଯ୍ୟକାରୀ ପରିସୀମା ନିର୍ଦ୍ଧାରଣ କରାଯାଇଥାଏ

**ପରିଚାଳନା ପରିଷଦ :-**

ଉକ୍ତ ସଭାରେ ସମିତିକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଏକ ୯ ଜଣିଆ ଅସ୍ଥାୟୀ ପରିଚାଳନା ପରିଷଦ ଗଠନ କରାଯାଇଥାଏ । ଉକ୍ତ ୯ ଜଣ ପରିଚାଳନା ପରିଷଦର ସଭ୍ୟଙ୍କ ମଧ୍ୟରୁ ଜଣଙ୍କୁ ସମିତିର ଅଧ୍ୟକ୍ଷ  ବା ସଭାପତି ଭାବରେ ମନୋନିତ କରାଯାଇଥାଏ ।

**ସମ୍ପାଦକ ନିଯୁକ୍ତି :-**

ସମିତିର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଉକ୍ତ ଗ୍ରାମର ଜଣେ ଶିକ୍ଷିତ ବ୍ୟକ୍ତିଙ୍କୁ ସମିତିର ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ନିଯୁକ୍ତି ଦିଆଯାଏ ।

**ସମିତକୁ ଦୁଗ୍ଧ ଉପକରଣ ଯୋଗାଣ :-**

ସମିତି ଗଠନ ହେଲାପରେ ସମିତିକୁ କାର୍ଯ୍ୟକାରୀ କରିବା ପାଇଁ ଦୁଗ୍ଧ ସଂଘ ଦ୍ୱାରା ଦୁଗ୍ଧ ପରୀକ୍ଷା ଯନ୍ତ୍ରପାତି ଓ ଖାତାପତ୍ର ଯୋଗାଇ ଦିଆଯାଇଥାଏ । ସମିତିର ସମ୍ପାଦକଙ୍କୁ ନିକଟସ୍ଥ ଦୁଗ୍ଧ ଶୀତଳିକରଣ କେନ୍ଦ୍ର କିମ୍ବା ଦୁଗ୍ଧ ସଂଘର ପ୍ରଶିକ୍ଷଣ କେନ୍ଦ୍ରରେ ଦୁଗ୍ଧ ପରୀକ୍ଷା ଓ ରେକର୍ଡପତ୍ରର ତାଲିମ ଦିଆଯାଇଥାଏ ।

ସମ୍ପାଦକଙ୍କର ତାଲିମ ସମାପ୍ତ ପରେ ଦୁଗ୍ଧ ସଂଗ୍ରହର ପ୍ରଥମ ଦିନରେ ସଂଘର ଜଣେ କର୍ମକର୍ତ୍ତା ଉପସ୍ଥିତ ରହି ଦୁଗ୍ଧ ସଂଗ୍ରହର ନିରିକ୍ଷଣ କରିବା ସହିତ ଦୁଗ୍ଧର ନମୁନା ପରୀକ୍ଷା ଓ ରେକର୍ଡପତ୍ର ଲେଖାରେ ସମ୍ପାଦକଙ୍କୁ ସାହାଯ୍ୟ କରିବା ସହିତ ଆବଶ୍ୟକସ୍ଥଳେ ଉପଦେଶ ଦେଇଥାନ୍ତି

ସମିତିର ସୁପରିଚାଳନା ସମ୍ପାଦକ ତଥା ପରିଚାଳନା ପରିଷଦର ସଭ୍ୟମାନଙ୍କ ଦ୍ୱାରା ସଂଘ ତଥା ଶୀତଳିକରଣ କେନ୍ଦ୍ର କର୍ମକର୍ତ୍ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ । ସମିତି ତଥା ଉତ୍ପାଦକମାନଙ୍କର ଉନ୍ନତି କଳ୍ପେ  ସଂଘ ତରଫରୁ ସମସ୍ତ ବୈଷୟିକ ଜ୍ଞାନ କୌଶଳ ଓ ଯୋଜନା ଅର୍ନ୍ତଭୁକ୍ତ ସହାୟତା ପ୍ରଦାନ କରାଯାଇଥାଏ ।